## ଗଜପତିରେ ୧୫ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,(ଡି.ଏନ.ଏ.): ଗଜପତି ଜିଲାରେ ପୁଣି ୧୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରରୁ ୨ ଜଣ, ନୂଆଗଡ ବ୍ଲକରୁ ୮, ରାୟଗଡ ବ୍ଲକରୁ ୨,କାଶୀନଗର ବ୍ଲକରୁ ୨ ଓ ମୋହନା ବ୍ଲକର ଜଣେ ଅଛନ୍ତି । ନୂଆ ଆକ୍ରାନ୍ତମାନଙ୍କୁ ମିଶାଇଲେ ଜିଲାରେ ମୋଟ ୪୧୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନାର ଦ୍ୱିତୀୟ ଲହରରେ ବର୍ତ୍ତମାନ ସୁଦ୍ଧା ୯୮ ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏମାନେ ହୋମ ଆଇସୋଲେଶନରେ ରହିଛନ୍ତି।

# ବ୍ରହ୍ମପୁରରେ ଆରମ୍ଭ ହେବ ଟେଲି ମେଡିସିନ୍ ସେବା

**ଛତ୍ରପୁର,୧୫।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାବାସୀ ସତର୍କ ନ ରହିଲେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଆସନ୍ତା ୩୦ ଦିନ ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ହେବ। ଜିଲାର ପ୍ରତ୍ୟେକ ବ୍ୟକ୍ତି ନିଜକୁ କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରନ୍ତୁ । ସରକାର ଲୋକଙ୍କ ଜୀବନଜୀବୀକାକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ମାସ୍କ ପରିଧାନ ସହିତ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର କହିଛନ୍ତି। ସୋମବାର ସୁଦ୍ଧା ଅଶ୍ୱିନୀ ଓ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସା ଆରମ୍ଭ କରାଯିବ। କୋଭିଡ ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ପୁଣି ଟେଲି ମେଡିସିନ୍ ସେବା ଆରମ୍ଭ ହେବ ବୋଲି ଜିଲାପାଳ କହିଛନ୍ତି।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଜିଲାକୁ ଆସୁଥିବା ପ୍ରବାସୀମାନଙ୍କର ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇ ସେମାନଙ୍କୁ ସଙ୍ଗରୋଧରେ ରଖାଯିବ। ଫୋନ ଯୋଗେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝାଯିବ। ସେହି ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଯୋଗାଇ ଦିଆଯିବ। ଅବସ୍ଥା ଗୁରୁତର ହେଲେ ତୁରନ୍ତ କୋଭିଡ୍ କେୟାର ସେଣ୍ଟର ଓ ଅତି ଗୁରୁତର ହେଲେ ଚିକିତ୍ସାଳୟକୁ ନିଆଯିବ। ସଂକ୍ରମିତଙ୍କ ବହୁମୂଲ୍ୟ ଜୀବନ ଯେପରି ସୁରକ୍ଷିତ ରହିବ ସେହି ଆଭିମୁଖ୍ୟ ନେଇ କାର୍ଯ୍ୟ କରିବାକୁ ଜିଲାର ସମସ୍ତ ଅଧିକାରୀଙ୍କୁ ଜିଲାପାଳ ଭିଡିଓ କନଫରେନ୍ସରେ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସଙ୍ଗରୋଧରେ ରହିଥିବା ବ୍ୟକ୍ତିଙ୍କ ଘର ସମ୍ମୁଖରେ ପୋଷ୍ଟର ଲଗାଯିବ। ସେମାନଙ୍କୁ ଯେଉଁ କିଟ୍ ପ୍ରଦାନ କରାଯିବ ସେଥିରେ ଔଷଧ ଓ ଡାକ୍ତରଙ୍କ ଟେଲିଫୋନ୍ ନମ୍ବର ଯୋଗାଇ ଦିଆଯିବ। ପୂର୍ବପରି ପଞ୍ଚସୂତ୍ରୀ ନିୟମ କଡାକଡି ପାଳନ କରାଯିବ । ଯଦି ଦୋକାନୀ ନ ମାନନ୍ତି ତେବେ ୩ ଦିନ ଦୋକାନ ବନ୍ଦ କରାଯିବ । ସମସ୍ତ ଗାଁରେ କୋଭିଡ୍ ପରିଚାଳନା କମିଟି ବୈଠକ କରି ପୂର୍ବ ପ୍ରସ୍ତୁତି କରିବାକୁ କୁହାଯାଇଛି। ଆଶାକର୍ମୀମାନଙ୍କ ନିକଟରେ ଔଷଧ ଯୋଗଇ ଦିଆଯିବ । କୋଭିଡ୍ ସତର୍କତା ନିମନ୍ତେ ପ୍ରଚାରପ୍ରସାର, ଚଢାଉ ଜୋରଦାର କରାଯିବ ଜିଲାପାଳ କହିଛନ୍ତି।

- ସୋମବାରରୁ ଖୋଲିବ ଟାଟା, ଅଶ୍ୱିନୀ କୋଭିଡ୍ ହସ୍ପିଟାଲ
- ପ୍ରବାସୀଙ୍କ ପଞ୍ଜୀକରଣ, ସଙ୍ଗରୋଧକୁ ଗୁରୁତ୍ୱ

# ବେଆଇନ ଲଟେରି ସଂସ୍ଥାର ୨ ଗିରଫ


ଗିରଫ ଅଭିଯୁକ୍ତଦ୍ୱୟ।

**ପାରଳାଖେମୁଣ୍ଡି,୧୫।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୋଲିସ ବେଆଇନ ଭାବେ ଚାଲିଥିବା ଏକ ଲଟେରି ସଂସ୍ଥା ଉପରେ ଚଢାଉ କରି ଅନେକ ଦସ୍ତବିଜ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡୁ ଗଣପତି ଓ ସୁନାସଗଡ ପ୍ରତାପ। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦୀର୍ଘଦିନ ହେବ ପାରଳାଖେମୁଣ୍ଡି ସମେତ ଆଖପାଖ ଅଞ୍ଚଳରେ ଶ୍ରୀଲକ୍ଷ୍ମୀ ଗଣପତି ଲକି ଡ୍ର ସ୍କିମ ନାମରେ ଲଟେରି ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥା ଗ୍ରାହକ ଯୋଗାଡ କରି ପ୍ରତ୍ୟେକଙ୍କଠାରୁ ୧୫ ଦିନକୁ ଥରେ ୩ ଶହ ଟଙ୍କା ଆଦାୟ କରୁଥିଲା। ଗ୍ରାହକଙ୍କୁ , ଟିଭି, ଫ୍ରିଜ୍, ୱାଶିଙ୍ଗ ମେଶିନ, ଗ୍ରାଇଣ୍ଡର ଓ କ୍ୟାଶ ପ୍ରାଇଜ ଲୋଭ ଦେଖାଇ ଟଙ୍କା ଆଦାୟ ଚାଲିଥିଲା। ଲୋକେ ଯେଭଳି ଠକାମିର ଶିକାର ନ ହେବ ସେ ନେଇ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ବିଭିନ୍ନ ଧାରା ଲଗାଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି ।

## ସଂକ୍ଷେପରେ

### ବିଷୁବ ମିଳନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୧୫।୪(ଡି.ଏନ.ଏ.)**:ପାରଳାଖେମୁଣ୍ଡିର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଆକାଂକ୍ଷା ଅନୁକୂଲ୍ୟରେ ବୁଧବାର ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ବିଷୁବ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷା ଅନ୍ନପୂର୍ଣ୍ଣା ଦେବୀଙ୍କ ଉପସ୍ଥିତି ଓ ଆଶାଲତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ଅବସାରେ କବିତା କ'ଣ ଶୀର୍ଷକରେ ଏକ ଆଲୋଚନାଚକ୍ର ହୋଇଥିଲା। ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡା, ଡ. ଚନ୍ଦ୍ରଶେଖର ଦାସ, ଇସାନଚାନ୍ଦ ଓଁକାର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ କବିତା କବି ହୃଦୟ ଅନୁଭୂତିର କଳାତ୍ମକ ପରିପ୍ରକାଶ ବୋଲି କହିଥିଲେ। ଅଳକା ସାହୁ, କଲ୍ୟାଣୀ ମିଶ୍ର, ମିନା କୁମାରୀ ଟହଲ, ବିଷୁବ ମିଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସିଦ୍ଧାନ୍ତର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସିଦ୍ଧାନ୍ତର ସାଧାରଣ ସମ୍ପାଦକ ରିତା ଚୌଧୁରୀ ଏହାର ସୂଚନା ଦେଇଥିଲେ।

### ସମ୍ବିଧାନ ବଞ୍ଚାଓ ଦିବସ ପାଳିତ

**ଗଞ୍ଜାମ,୧୫।୪(ଡି.ଏନ.ଏ.)**:ଗଞ୍ଜାମ ସନ୍ତୋଷପୁରଠାରେ ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ବୁଧବାର ଏକ ସଭା ଆୟୋଜନ କରାଯାଇଥିଲା। ଡମ୍ବରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲ୍ମୀକି ସମାଜର ବିରୁଳି ତାଲୁକା କର୍ମକର୍ତ୍ତା ଯୋଗ ଦେବା ସହିତ ଦଳିତ ଶୋଷଣ ମୁକ୍ତି ମଞ୍ଚ ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ, କୃଷକ ସଭା ରାଜ୍ୟ ଉପସଭାପତି ପି.ହରିକୃଷ୍ଣ ରେଡ୍ଡୀ, ଆଇନଜୀବୀ ସୋମନାଥ ଦାସ, ବାଲ୍ମୀକି କୁଳ ସଭାପତି ଦଣ୍ଡପାଣି ଦାସ ବକ୍ତବ୍ୟ ଦେଇଥିଲେ। କୃଷକ ସଭା ବ୍ଲକ ଉପସଭାପତି ଉଲ୍ଲାସ ଜେନା, ସୁବାସ ଦାସ, କାଳୁଚରଣ ଦାସ, ଦୀନବନ୍ଧୁ ଦାସ, ପଙ୍କଜ ଦାସ, ପାଣ ଦାସ, ଶବର ଦାସ, ଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଇନ୍‌ଡୋର ଷ୍ଟାଡିୟମ ନିର୍ମାଣକୁ ବିରୋଧ

**କାଶୀନଗର,୧୫।୪(ଡି.ଏନ.ଏ.)**: ସ୍ଥାନୀୟ ବାରାଣସୀ ସରକାରୀ ହାଇସ୍କୁଲ ପଡ଼ିଆରେ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ହେବାକୁ ଥିବା ସୂଚନା ପାଇବା ପରେ କାଶୀନଗର ଯୁବଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି। ରାଜେଶ ମିସାଲଙ୍କ ନେତୃତ୍ୱରେ ପି.ମୁରଲୀ, ମୁନା ପାଣ୍ଡି, ଏନ୍. ରମେଶ, ୱାଇ. ପାର୍ଥସାରଥି ପ୍ରମୁଖ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ସହ ସାକ୍ଷାତ କରି ଉକ୍ତ ସ୍ଥାନରେ ଷ୍ଟାଡିୟମ ନିର୍ମାଣ ନ କରି ଅନ୍ୟତ୍ର କରିବାକୁ ଦାବିପତ୍ର ଦେଇଥିଲେ। ସେମାନେ କହିଥିଲେ ଯେ, ବାରାଣସୀ ସରକାରୀ ହାଇସ୍କୁଲ ପରିସରରେ ଥିବା ପଡ଼ିଆଟି ଉଭୟ କାଶୀନଗର ବ୍ଲକ ଓ ଏନ୍‌ଏସି ପାଇଁ ଏକମାତ୍ର ଖେଳପଡ଼ିଆ। ଏଠାରେ କ୍ରୀଡ଼ା ପ୍ରତିଯୋଗିତାଠାରୁ ଆରମ୍ଭ କରି କ୍ରିକେଟ, ଭଲି ମ୍ୟାଚ ଆଦି ଅନୁଷ୍ଠିତ ହୁଏ। ଏହାଛଡ଼ା ଆର୍ମିରେ ଯୋଗଦେବାକୁ ଇଚ୍ଛୁକ ଯୁବତୀ ଯୁବକମାନେ ଦୌଡ଼ ଅଭ୍ୟାସ କରନ୍ତି। କବାଡ଼ି ଖେଳାଳିମାନଙ୍କୁ ମଧ ଏଠାରେ ତାଲିମ ଦିଆଯାଏ। ପୂର୍ବରୁ ବିଆରସି କାର୍ଯ୍ୟାଳୟ, ହଷ୍ଟେଲ ଇତ୍ୟାଦି ଉକ୍ତ ପଡ଼ିଆରେ ନିର୍ମାଣ ହେବା ଯୋଗୁ ଏହାର ପରିସୀମା ସଂକୁଚିତ ହୋଇସାରିଛି। ପୁଣି ଯଦି ଏଠାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଏ, ତେବେ ଏହା ଅଧିକ ସଂକୁଚିତ ହୋଇଯିବ ଓ ପୂର୍ବ ଉଲ୍ଲିଖିତ କାର୍ଯ୍ୟଗୁଡ଼ିକ ହୋଇପାରିବ ନାହିଁ। ତେଣୁ ବାରାଣସୀ ସରକାରୀ ହାଇସ୍କୁଲ ପଡ଼ିଆରେ ପ୍ରସ୍ତାବିତ ଷ୍ଟାଡିୟମ ନ କରି କାଶୀନଗର ସହର ପାଖାପାଖି ଅନ୍ୟ ସ୍ଥାନରେ କରାଯାଉ। ଅନ୍ୟପକ୍ଷରେ ତହସିଲଦାର କହିଥିଲେ, କୋଟି କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟକୁ ବିରୋଧ କରିବା ଉଚିତ ନୁହେଁ। ଯୁବକମାନେ କହିଛନ୍ତି, ଦାବିକୁ ଭ୍ରୂକ୍ଷେପ ନ କରି ପ୍ରଶାସନ ଯଦି ନିଜ ଜିଦରେ ଅଟଳ ରହେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଧାରଣା


ଧାରଣାରତ ଛାତ୍ରୀଛାତ୍ର ।

**ଫୁଲବାଣୀ ଅଫିସ, ୧୫।୪**

ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନ୍‌ଲାଇନ ପରୀକ୍ଷା କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଗୁରୁବାର ସେମାନେ କଲେଜ ସମ୍ମୁଖରେ ଧାରଣା ଦେବା ସହ ଫୁଲବାଣୀ-ବ୍ରହ୍ମପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏଥିସହ କଲେଜ ପରିସରରେ କୋଭିଡ୍ କେୟାର ସେଣ୍ଟର(ସିସିସି)କୁ ବିରୋଧ କରିଥିଲେ। ଟାଉନ ଥାନା ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଯାଇ ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠିଥିଲେ। ଆସନ୍ତା କିଛିଦିନ ମଧ୍ୟରେ ମହାବିଦ୍ୟାଳୟରେ ଫାଇନାଲ ପରୀକ୍ଷା ପାଇଁ ରାଜ୍ୟ ସରକାର ତାରିଖ ଧାର୍ଯ୍ୟ କରିଥିଲେ। କୋଭିଡ୍ ସଂକ୍ରମଣ ବଢୁଥିବା ଯୋଗୁ ଶ୍ରେଣୀଗୃହରେ ପରୀକ୍ଷା ଦେବା ନିରାପଦ ନୁହେଁ। ତେଣୁ କରୋନା ପ୍ରଭାବ କମିବା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇବା କିମ୍ବା ଅନ୍‌ଲାଇନ ପରୀକ୍ଷା ବ୍ୟବସ୍ଥା କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଏ ନେଇ କଲେଜ ଅଧକ୍ଷ ଏବଂ ଜିଲାପାଳଙ୍କୁ ପୂର୍ବରୁ ଅବଗତ କରାଯାଇଥିଲେ ବି କେହି ଧ୍ୟାନ ଦେଇନାହାନ୍ତି। ସେହିପରି କଲେଜ ପରିସରରେ କୋଭିଡ କେୟାର ସେଣ୍ଟର ଖୋଲିଲେ ଅସୁବିଧା ହେବ। କାରଣ ଏକ ନମ୍ବର ଛାତ୍ରାବାସକୁ କଲେଜ ଲାଗି ରହିଛି। ତେଣୁ ସଂକ୍ରମଣ ଭୟ ରହିଛି । ସେହିପରି ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କ କୋଭିଡ ଟେଷ୍ଟ କରାଯିବାକୁ କୁହାଯାଇଥିଲେ ମଧ୍ୟ ତାହା ହୋଇନାହିଁ । ଏ ନେଇ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପଞ୍ଚାନନ ବେହେରା କହିଛନ୍ତି, ଏ ପର୍ଯ୍ୟନ୍ତ ଅନଲାଇନ ପରୀକ୍ଷା ପାଇଁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ସରକାରଙ୍କ ନିଷ୍ପତ୍ତି ଅନୁସାରେ ପରୀକ୍ଷା ହେବ।

**କଲେଜ ପରିସରରେ ସିସିସିକୁ ବିରୋଧ**

## ଓର୍‌ମାସ, ଓଏଲଏମର ସଫଳତା ଗଞ୍ଜାମ ଗୃହିଣୀ ପ୍ରଡ୍ୟୁସର କମ୍ପାନୀକୁ ୨ ଆଇଏସଓ ପ୍ରମାଣପତ୍ର

**ଛତ୍ରପୁର,୧୫।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଅଧୀନ ଗଞ୍ଜାମ ଗୃହିଣୀ ପ୍ରଡ୍ୟୁସର କମ୍ପାନୀ ଲିମିଟେଡକୁ ଦୁଇଟି ଆଇଏସଓ ପ୍ରମାଣପତ୍ର ମିଳିଛି । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆରଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ ଗୁରୁବାର ଟୁଇଟ କରି ସୂଚନା ଦେଇଛନ୍ତି । ଏଥିସହ ଉଭୟେ ଓରମାସ (ଓଡିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି) ଓ ଓଏଲଏମ (ଓଡିଶା ଜୀବିକା ମିଶନ)ର ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଗ୍ରାମାଞ୍ଚଳରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ଏବଂ ବିକ୍ରିବଟା କ୍ଷେତ୍ରରେ ରିଟେଲେର , ହୋଲସେଲର ଓ ସପ୍ଲାୟାର କାର୍ଯ୍ୟ ଓ ସେବାରେ ସଫଳତା ପାଇଁ ଉକ୍ତ ୨ ଆଇଏସଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଆଇସି ଏଣ୍ଡ ଆଇ ୟୁକେ ଲିମିଟେଡ୍ ସଂସ୍ଥାର କାର୍ଯ୍ୟକାରୀ ନିର୍ଦ୍ଦେଶକ ପିଟର କୋଲିନସ୍ ଉକ୍ତ ୨ ପ୍ରମାଣପତ୍ର ବୁଧବାର ପ୍ରଦାନ କରିଛନ୍ତି। ୨୦୨୪ ଏପ୍ରିଲ ୧୩ ପର୍ଯ୍ୟନ୍ତ ଏହା ବୈଧ ରହିବ। ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ଓରମାସ୍ ଓ ଓଏଲଏମରେ ସାମିଲ ହୋଇ ବିଭିନ୍ନ ଗୁଣାତ୍ମକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି । ଏସବୁ ସାମଗ୍ରୀ ଜିଲା ତଥା ଓଡିଶାର ବିଭିନ୍ନ ଜିଲାରେ ବିକ୍ରି କରୁଛନ୍ତି ।

# ଆମ୍ବେଡକରଙ୍କ ସ୍ମୃତିଚାରଣ ସଭା

**ଛତ୍ରପୁର,୧୫।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ବୁଧବାର ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ହୋଇଥିଲା। କୋଭିଡ୍ କଟକଣା ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅବନୀ କୁମାର ଗୟା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆମ୍ବେଡକରଙ୍କ ବିଚାରଧାରାର ଚିତ୍ରପଟ ଉପସ୍ଥାପନା କରିଥିଲେ। ଜିଲା ସଦର ମହକୁମା ଛତ୍ରପୁର ଏବଂ ବ୍ରହ୍ମପୁର ସହର ମଧ୍ୟରେ ପୂଜ୍ୟପୂଜା ସକାଶେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଜଣାଇଥିଲେ । ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଆମ୍ବେଡକର ଭାରତୀୟ ସାଧାରଣତନ୍ତ୍ରର ସମ୍ବିଧାନ ପ୍ରଣୟନ କରି ଏକ ଦୁରୁହ କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଭାବେ ସମ୍ପାଦନା କରିଥିବା ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁରର ଖବରଦାତାମାନଙ୍କ ସମେତ ପାଠାଗାରକୁ ଆସୁଥିବା ଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିଶୋଧିତ ହେଲା ପାଠାଗାର, ପାର୍କ


ବିଶୋଧନ କରାଯାଉଛି।

**ଛତ୍ରପୁର,୧୫।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ସମସ୍ତ ଜନଗହଳି ସ୍ଥାନ ତଥା ପାର୍କ, ବେଳାଭୂମି, ଧାର୍ମିକ ଅନୁଷ୍ଠାନ ଆଦି ଆସନ୍ତା ୨୧ ତାରିଖ ଯାଏ ବନ୍ଦ ରହିଛି। ଅଗ୍ନିଶମ ବିଭାଗ ଏସବୁ ସ୍ଥାନକୁ ବିଶୋଧନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଛତ୍ରପୁରସ୍ଥିତ ଜିଲା ପାଠାଗାର ଓ ସହରର ଭିଆଇପି ରୋଡ୍‌ରେ ଥିବା ସମସ୍ତ ପାର୍କକୁ ଅଗ୍ନିଶମ ବିଭାଗ ପକ୍ଷରୁ ବିଶୋଧନ କରାଯାଇଛି। ଅନ୍ୟପକ୍ଷରେ ଅଗ୍ନିଶମ ସେବା ସପ୍ତାହ ପାଳନର ଦ୍ୱିତୀୟ ଦିନ ଗୁରୁବାର ଅଗ୍ନିଶମ କର୍ମଚାରୀମାନେ ଛତ୍ରପୁର ହସ୍ପିଟାଲରେ ହଠାତ୍ ନିଆଁ ଲାଗିଲେ କିପରି ନିଜକୁ ରକ୍ଷା କରିବା, ଗ୍ୟାସ୍‌ରେ ଲାଗିଥିବା ନିଆଁକୁ କିପରି ଆୟତ୍ତ କରିପାରିବା ତାହାର ଡେମୋ ଦେଖାଇଥିଲେ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର ବିଶ୍ୱନାଥ ମହାନ୍ତି, ମୁଖ୍ୟ ଫାୟାର ମ୍ୟାନ ଅଭିରାମ ନାୟକ ଓ ପ୍ରଭାକର ଜେନା, ଡ୍ରାଇଭର ଓ ହାବିଲଦାର ରାକେଶ ମାନସିଂହ ଓ ଦୀପ୍ତି ରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ନିର୍ମଳ ସୁପରଭାଇଜର ରବି ନାରାୟଣ ବେହେରା ଉପସ୍ଥିତ ଥିଲେ ।

**ଡେମୋ ଦେଖାଇଲେ ଅଗ୍ନିଶମ କର୍ମଚାରୀ**

# ସ୍କୁଲରେ ଗାଁ ଲୋକେ କରିବେ ଗଣେଶ ମନ୍ଦିର

**କାଶୀନଗର,୧୫।୪(ଡି.ଏନ.ଏ.)**

ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ସାଙ୍ଗକୁ ଗଣେଶ ମନ୍ଦିର ନିର୍ମାଣ ନିମନ୍ତେ ଅଣ୍ଟା ଭିଡିଛନ୍ତି ଗ୍ରାମବାସୀ। କାଶୀନଗର ବ୍ଲକ ଉଲ୍ଲାଭଦ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଏହି ମନ୍ଦିର ନିମନ୍ତେ ନିରାଡମ୍ବରରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମନ୍ଦିର ପରିସରରେ ଗଣେଶ ମନ୍ଦିର ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଲଡ଼ା କ୍ଲଷ୍ଟର ସିଆରସିସି ବସନ୍ତ କୁମାର ମିଶ୍ର, କଣ୍ଡାଗରି ନାଗେଶ୍ୱର ରାଓ କର୍ତ୍ତା ଭାବେ ଯୋଗଦେଇ ପୂଜାପାଠ କରିଥିଲେ। ପୁରୋହିତ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରକାଶ ରଥ ଯୋଗଦେଇ ପୂଜା କରିଥିଲେ। ମହାରଣା ଭାବେ କଣ୍ଡାଗରି ସର୍ବେଶ୍ୱର ରାଓ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ମୁଚ୍ଚିକା ରାମାରାଓ, କଣ୍ଡାଗରି ଜେୟା, କେ.ରାମାରାଓ, ପି.ପ୍ରସାଦ, ବିଁଡିକି ବୁଢୁ, ବିଁଡିକି ଶେଙ୍କରୀ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପି.ନାଗଭୂଷଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ ନିମନ୍ତେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିବାକୁ ଗ୍ରାମବାସୀ ପ୍ରସ୍ତୁତି ଥିବା ପ୍ରକାଶ କରିଛନ୍ତି।


ମନ୍ଦିର ନିର୍ମାଣ ନେଇ ଭୂମିପୂଜା ।

**ନିରାଡ଼ମ୍ବରରେ ହେଲା ଭୂମିପୂଜା**

## ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

**ଦିଗପହଣ୍ଡି,୧୫।୪(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମରେ ଥିବା ମୋବାଇଲ ଟାୱାରରୁ ମୂଲ୍ୟବାନ ବ୍ୟାଟେରି ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଏରିଆ ମ୍ୟାନେଜର ସୂର୍ଯ୍ୟନାରାୟଣ ମାହୁନ୍ତଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ନଂ. ୮୫/୨୧ରେ ମାମଲା ରୁଜୁ କରିଛି। ଟାୱାର କମ୍ପାନୀର ବୈଷୟିକ ସହାୟକ ଏନ. ବାଳକୃଷ୍ଣ ରେଡ୍ଡୀ ଉକ୍ତ ଟାୱାରର ସରଞ୍ଜାମ ମରାମତି ପାଇଁ ଗତ ସୋମବାର ଯାଇଥିବା ବେଳେ ବ୍ୟାଟେରି ଚୋରି ହୋଇଯାଇଥିଲା। ଦୁର୍ବୃତ୍ତ ମାନେ ଟାୱାରର ନିଷିଦ୍ଧ ଇଲାକାରେ ପଶି ୨୪ ବ୍ୟାଟେରୀରୁ ୧୨ ବ୍ୟାଟେରି ନେଇ ଯାଇଥିବା ଅନ୍ୟ ବ୍ୟାଟେରୀକୁ ନଷ୍ଟ କରିଥିଲେ।

# ଦିଗପହଣ୍ଡିରେ ଗଡ଼ିଲା କୃଷି ସଚେତନତା ରଥ

**ଦିଗପହଣ୍ଡି,୧୫।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକରେ କୃଷିରଥ ପରିକ୍ରମା ଗୁରୁବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦିଗପହଣ୍ଡି ବ୍ଲକରେ ୬ ଦିନ ବ୍ୟାପୀ ଚାଲିବ। ବିଭିନ୍ନ ପଞ୍ଚାୟତକୁ ଏହି କୃଷି ରଥ ପରିକ୍ରମା କରି କୃଷକମାନଙ୍କୁ ସେଚେତନ କରାଇବ। ଜମିର ମାଟି ପରିକ୍ଷା ଠାରୁ ଆରମ୍ଭ କରି ଫସଲ ଉତ୍ପାଦନର ଅଭିବୃଦ୍ଧି ଓ ସାର ପ୍ରୟୋଗ ଉପରେ ଚାଷୀମାନଙ୍କୁ ଅବଗତ କରାଯିବ। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତର ମୁଖ୍ୟ ଦପ୍ତରରେ ପଥପ୍ରାନ୍ତ ନାଟକର ଆୟୋଜନ କରାଯିବ। ପ୍ରତ୍ୟେକ ପଞ୍ଚାୟତର କୃଷକ ସାଥୀଙ୍କ ଜରିଆରେ ସମସ୍ତ ଚାଷୀମାନଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ବ୍ଲକ କୃଷି ଅଧିକାରୀ ଆନନ୍ଦ ସାସମଲ, ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା କୃଷି ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

# ରାମଗିରି ହାଇସ୍କୁଲ: ପରୀକ୍ଷା ପରିଚାଳନାରେ ତ୍ରୁଟି

**ରାମଗିରି,୧୫।୪(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ (ଏସ୍‌ଏସ୍‌ଡି) ହାଇସ୍କୁଲ ପରୀକ୍ଷା ପରିଚାଳନାରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୁରୁବାର ଥିଲା ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ଶେଷ ଅଭ୍ୟାସ ପରୀକ୍ଷା ବା ପ୍ରିବୋର୍ଡ ପରୀକ୍ଷା। ପ୍ରଶ୍ନପତ୍ର ପ୍ରଘଟ ହେବା କିମ୍ବା ଅନ୍ୟ କୌଣସି କାରଣରୁ ବୋର୍ଡ ଗୁରୁବାର ଅନ୍‌ଲାଇନ ମାଧ୍ୟମରେ ସକାଳ ୬ଟାରେ ପ୍ରଶ୍ନପତ୍ର ଛାଡୁଥିବା ବେଳେ ତାହା ଡାଉନ୍‌ଲୋଡ କରି ପ୍ରଧାନ ଶିକ୍ଷକମାନେ ପରୀକ୍ଷା କରିଥାନ୍ତେ। କିନ୍ତୁ ଦୁଃଖର ବିଷୟ ରାମଗିରି ଭଳି ଏକ ବଡ଼ ହାଇସ୍କୁଲ ଯେଉଁଠାରେ ଦଶମ ଶ୍ରେଣୀରେ ୧୨୦ ଛାତ୍ରୀଛାତ୍ର ଅଧ୍ୟୟନରତ, ସେହିଠାରେ ପରୀକ୍ଷା ପରିଚାଳନା କରାଯାଇନାହିଁ। କୋଭିଡ୍ କଟକଣା ମଧ୍ୟରେ ସରକାର ସ୍କୁଲ ଓ ପରୀକ୍ଷା ପରିଚାଳନା କରିବାରେ ଅସୁବିଧା ଭୋଗୁଥିବା ସ୍ଥଳେ ରାମଗିରି (ଏସଏସ୍‌ଡି) ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଞ୍ଚଳର ସବୁ ବିଦ୍ୟାଳୟରେ ପ୍ରିବୋର୍ଡ ଆରମ୍ଭ ହୋଇଥିବା ବେଳେ ରାମଗିରି ହାଇସ୍କୁଲରେ ତାହା ହୋଇନାହିଁ। ଆଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପରୀକ୍ଷା ମଧ ହୋଇ ନ ଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଆଗରୁ ଏହି ସ୍କୁଲରେ ଗୋଟିଏ ହେଲେ ମଧ ପରୀକ୍ଷା କରାଯାଇନାହିଁ। ପୁଣି ଗୁରୁବାର ସରକାରୀ ହାଇସ୍କୁଲରେ ପରୀକ୍ଷାକୁ ବାତିଲ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମଲିକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଆମର ୧୨୦ ପିଲା, ସେଥିପାଇଁ ପ୍ରଶ୍ନପତ୍ର ଡାଉନଲୋଡ ହୋଇପାରିଲା ନାହିଁ। ଠିକ୍ ସମୟରେ ଆମେ ସବୁ ପରୀକ୍ଷା ସାରିଦେବୁ ବୋଲି କହିଥିଲେ। ଅନ୍ୟପକ୍ଷରେ ଜିଲା ମଙ୍ଗଳ ବିଭାଗର ଅଧିକାରୀ ସନ୍ତୋଷ କୁମାର ରଥଙ୍କ ସହ ଯୋଗାଯୋଗ କରିବାରୁ କ'ଣ ହୋଇଛି ମୁଁ ବୁଝୁଛି ବୋଲି କହିଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୧୬ ଏପ୍ରିଲ, ୨୦୨୧



**ବାଇକ୍ ଧକ୍କାରେ ମହିଳା ମୃତ**

ଆସିକା, (ଡି.ଏନ୍.ଏ.)-ଗାଙ୍ଗପୁର ଥାନା କ୍ଷେତ୍ରାୟବରପୁର ହାଇସ୍କୁଲ ଛକ ନିକଟରେ ଗୁରୁବାର ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ମୃତା ମହିଳା ହେଲେ ଉକ୍ତ ଗ୍ରାମର ଝୁନୁ ପଟ୍ଟନାୟକ। ଗୁରୁତର ବାଇକ ଆରୋହୀ ପାଇଲିପଡା ଗ୍ରାମର ବାଦଲ ପାତ୍ର ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଝୁନୁ ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବାଇକ ଧକ୍କା ଦେବାରୁ ଗୁରୁତର ହୋଇଥିଲେ । ତାଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ଝୁନୁଙ୍କ ସ୍ୱାମୀ ଅଜିତ ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ଗାଙ୍ଗପୁର ଥାନାରେ ନଂ.୧୫୩/୨୧ରେ ଏକ ମାମଲା ରୁଜୁ କରାଯାଇଛି ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଜଣେ ଆହତ, ଚାଳକ ଅଟକ**

ବୁଗୁଡ଼ା,୧୫।୪(ଡି.ଏନ.ଏ.)- ବୁଗୁଡ଼ା ଥାନା ପଥରବଣି ମୁଖ୍ୟ ସଡ଼କ ଛକରେ ଗୁରୁବାର ଅପରାହ୍ନରେ ଏକ ଟାଟା ଏସି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍‌ରେ ବସିଥିବା ସମ୍ପର୍କୀୟ ବାଳକ ଆହତ ହୋଇଛନ୍ତି। ମୃତ ବାଇକ୍ ଆରୋହୀ ହେଲେ ଭଞ୍ଜନଗର ଥାନା ଲାଲସିଂର ତ୍ରିଲୋଚନ ରାଉତ। ବୁଗୁଡ଼ା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ତ୍ରିଲୋଚନ ବୁଗୁଡ଼ା ଥାନା ଅନ୍ତର୍ଗତ ଭାବସର ଗ୍ରାମକୁ ଭୋଜି ଖାଇବାକୁ ଆସିଥିଲେ। ଗୁରୁବାର ବାଇକ୍‌ରେ ତାଙ୍କର ଜଣେ ସମ୍ପର୍କୀୟ ବାଳକକୁ ଧରି ପଥରବଣି ଛକ ଦେଇ ଯାଉଥିବା ବେଳେ କରସିଙ୍ଗି ପଟରୁ ଏକ ଟାଟା ଏସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତ୍ରିଲୋଚନ ଗୁରୁତର ହୋଇଥିଲେ। ବାଳକଟି ଆହତ ହୋଇଥିବା ଜଣାପଡିଛି। ତ୍ରିଲୋଚନଙ୍କୁ ବୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ।ଳକକୁ ପୋଲିସ ଥାନାରେ ଅଟକ ରଖିଛି।

# କ୍ଷତି ସହୁଛନ୍ତି ଚିତ୍ରାଳୟ ବ୍ୟବସାୟୀ

**ଦାଉ ସାଧୁଛି କରୋନା**

ବ୍ରହ୍ମପୁର ଅଫିସ,୧୫।୪

ଚିତ୍ରାଳୟ ବ୍ୟବସାୟ କ୍ଷେତ୍ରରେ କରୋନା ମହାମାରୀ ଦାଉ ସାଧୁଛି। ଫଳରେ ବହୁ ବ୍ୟବସାୟୀ ଆର୍ଥିକ ଅନଟନ ଦେଇ ଗତି କରୁଛନ୍ତି। କରୋନା ସଂକ୍ରମଣକୁ ରୋକିବା କ୍ଷେତ୍ରରେ ଜିଲା ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ଉତ୍ସବ ଉପରେ କଟକଣା ଲଗାଯାଇଛି। ଫଳରେ ଋତୁକାଳୀନ ବ୍ୟବସାୟରେ ବ୍ୟବସାୟ ଆଶାନୁରୂପ ହୋଇପାରୁ ନ ଥିବା ବ୍ୟବସାୟୀମାନେ କହିଛନ୍ତି। ବ୍ରହ୍ମପୁର ସହରରେ ବର୍ତ୍ତମାନ ସୁବାରାଓ ଛକ, ଆଙ୍କୁଲି,ବଡ଼ବଜାର, ଗୋସାଇଁନୂଆଗାଁ, ହରାଡ଼ାଖଣ୍ଡି ଭଳି ଅଞ୍ଚଳରେ ମୋଟ ୧୫ ଚିତ୍ରାଳୟ ରହିଛି। ଏହି ଚିତ୍ରାଳୟଗୁଡ଼ିକରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହି ଚିତ୍ରାଳୟଗୁଡ଼ିକରେ ବିଶେଷ କରି ଫେବୃୟାରୀରୁ ଜୁନ୍ ପର୍ଯ୍ୟନ୍ତ ଭଲ ବ୍ୟବସାୟ ହୋଇଥାଏ। କିନ୍ତୁ ବିଗତବର୍ଷ ସମେତ ଚଳିତ ବର୍ଷ ମଧ୍ୟ ବିଭିନ୍ନ ସ୍କୁଲ କଲେଜର ବାର୍ଷିକ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି। ଅନ୍ୟପଟେ ମଞ୍ଚ ନାଟକ, ଦଣ୍ଡଯାତ୍ରା ଓ ବ୍ରହ୍ମପୁରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ସମୟରେ ମାନସିକଧାରୀ ବେଶ ଓ ମିଳିତ ବେଶ ନିମନ୍ତେ ସହରର ଚିତ୍ରାଳୟ ଗୁଡ଼ିକର ଢେର ଚାହିଦା ରହିଥାଏ। କିନ୍ତୁ ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏ ସବୁ ଉପରେ କଟକଣା କାରଣରୁ ଚିତ୍ରାଳୟଗୁଡ଼ିକ ଲକ୍ଷାଧିକ ଟଙ୍କାର କ୍ଷତି ସହୁଥିବା ମାଲିକମାନେ ପ୍ରକାଶ କରିଛନ୍ତି। ଯଦ୍ଦ୍ୱାରା ସେମାନଙ୍କର ପରିବାର ପ୍ରତିପୋଷଣ କ୍ଷେତ୍ରରେ ବାଧକ ସାଜିଥିବା ବହୁ ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି। ଏଣୁ ଜିଲା ପ୍ରଶାସନ ପକ୍ଷରୁ କଟକଣା କୋହଳ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅନୁମତି ପ୍ରଦାନ କରାଯିବା ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।

**ସେମାନେ ଯାହା କୁହନ୍ତି**



"କରୋନା କଟକଣା ଯୋଗୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବ୍ୟବସାୟ୍ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଫଳରେ ବହୁ କର୍ମଚାରୀ ନିଜର କୌଳିକ ବୃତ୍ତି ଛାଡ଼ି ଅନ୍ୟ ରୋଜଗାର ପନ୍ଥାକୁ ଆପଣାଇଛନ୍ତି। ସାଂସ୍କୃତିକ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଯଦି ସମ୍ପୂର୍ଣ୍ଣ ଅନୁମତି ମିଳେ ତେବେ ପୂର୍ବଭଳି ବ୍ୟବସାୟ୍ ଆଶାନୁରୂପ ହେବ।

-ଦିଲୀପ କୁମାର ସାମନ୍ତରାୟ, ଜିଲା ଚିତ୍ରାଳୟ ମାଲିକ ସଂଘ ସଭାପତି



"ସରକାରୀ ରାଲିକୁ ଯେତେବେଳେ ପ୍ରଶାସନ ପକ୍ଷରୁ ସୁରୁଖୁରୁରେ ପରିଚାଳନା କରାଯାଉଛି, ସାଂସ୍କୃତିକ କାର୍ଯ୍ୟକ୍ରମକୁ କାହିଁକି ଅନୁମତି ଦିଆଯାଉ ନାହିଁ। ଦଣ୍ଡନାଚ ସମୟରେ ଚିତ୍ରାଳୟଗୁଡ଼ିକରେ ଭଲ ବ୍ୟବସାୟ୍ ହୋଇଥାଏ। କିନ୍ତୁ ଦୁଇ ବର୍ଷ ହେଲା ଏଥିରେ ରୋକ ଲଗାଯିବାରୁ କଳାକାର, ଚିତ୍ରାଳୟ୍ ମାଲିକ ଏବଂ କର୍ମଚାରୀମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି।

-ଶରତ ଚନ୍ଦ୍ର ପାଢ଼ୀ, ରାଜ୍ୟ ପରାମର୍ଶଦାତା,ଚିତ୍ରାଳୟ୍ ମାଲିକ ସଂଘ



"ଦଣ୍ଡନାଚ ପରେ ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ସମୟରେ ବ୍ୟବସାୟ୍ ନେଇ ଆଶା ଥିଲା। କଟକଣାରୁ ତାହା ବି ହୋଇପାରିଲା ନାହିଁ। ଚିତ୍ରାଳୟ୍ ମାଲିକ ଓ କର୍ମଚାରୀଙ୍କ ଦୁଃଖ କେହି ବି ଶୁଣୁ ନାହାନ୍ତି।

- ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ, ଚିତ୍ରାଳୟ୍ ମାଲିକ ସଂଘ

# ବୁଢ଼ୀ ଠାକୁରାଣୀ ଯାତ୍ରା ଅବଧି ବୃଦ୍ଧି ପାଇଁ ଆବେଦନ

ବ୍ରହ୍ମପୁର ଅଫିସ୍,୧୫।୪

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀ ଯାତ୍ରା ଗୁରୁବାର ସପ୍ତମ ଦିନରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୭ ତାରିଖ ଯାଏ ଯାତ୍ରା ଅନୁଷ୍ଠିତ ହେବା ନେଇ ଅନୁମତି ମିଳିଛି। ବର୍ତ୍ତମାନ ଯାତ୍ରା ଅବଧି ଆସନ୍ତା ୧୯ ତାରିଖ ଯାଏ ବୃଦ୍ଧି ନେଇ ପରିଚାଳକ ପି.ଦୂର୍ଗା ପ୍ରସାଦ ଦେଶୀ ବେହେରା ଗୁରୁବାର ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଲିଖିତ ଭାବେ ଆବେଦନ କରିଛନ୍ତି। ଯାତ୍ରା ପରମ୍ପରା ଅନୁଯାୟୀ ମା' ଠାକୁରାଣୀ ସୋମବାର ଦିନ ହିଁ ମୁଖ୍ୟ ମନ୍ଦିରକୁ ଫେରିବାର ନିୟମ ରହିଛି। ଏଣୁ ଅବଧି ବୃଦ୍ଧି ନେଇ ପ୍ରଶାସନକୁ ଅବଗତ କରାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ସହମତି ଦେଲେ ଅବଧି ବୃଦ୍ଧି କରାଯିବ ବୋଲି ଦେଶୀ ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଦେଶୀ ବେହେରା ସାହି ସ୍ଥିତ ମା' ଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପରେ ୨ ଜଣ ପୂଜକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଦେଶୀ ବେହେରା ସାହିରେ ୧୪୪ ଧାରା ଜାରି କରାଯାଇଥିଲା। ଏଥିସହ ଭକ୍ତଙ୍କୁ ଦର୍ଶନ ନିମନ୍ତେ ସଂପୂର୍ଣ୍ଣ ବାରଣ କରାଯାଇଥିଲା। ବର୍ତ୍ତମାନ ଅସ୍ଥାୟୀ ମଣ୍ଡପରେ ନୀତିକାନ୍ତି ଅନୁଯାୟୀ ମା' ଠାକୁରାଣୀଙ୍କ ପୂଜାର୍ଚ୍ଚନା କରଯାଉଛି ବୋଲି ଯାତ୍ରା ପରିଚାଳକ କହିଛନ୍ତି।



ଅସ୍ଥାୟୀ ମଣ୍ଡପରେ ମା' ବୁଢୀ ଠାକୁରାଣୀ।

### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲା, ଜେଲ ଗଲେ ଅଭିଯୁକ୍ତ

ଗଞ୍ଜାମ,୧୫।୪(ଡି.ଏନ.ଏ.)- ଗଞ୍ଜାମ ସହରରେ ଜଣେ ନାବାଳିକା ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ଯୁବକ ଅସଦାଚରଣ ସହ ଟଣାଓଟରା କରିଥିବା ନେଇ ମଙ୍ଗଳବାର ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ସେହି ଦିନ ହିଁ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେଠାରେ ଜାମିନ ଆବେଦନ ଖାରଜ ହେବା ପରେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିବା ଥାନା ଆଇଆଇସି ଦିଲିପ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭଣ୍ଡାରୀ ସାହିର କାଳିଆ ଗୌଡ଼। ପୂର୍ବରୁ ମଧ ଅଭିଯୁକ୍ତ ବାରମ୍ବାର ଏହିଭଳି ଅନୈତିକ କାର୍ଯ୍ୟ କରିବା ସହ ଛାତ୍ରୀଙ୍କୁ କମେଣ୍ଟ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ ମଙ୍ଗଳବାର ପୂର୍ବାହ୍ନରେ ନାବାଳିକା ଛାତ୍ରୀ ଜଣକ ଟିଉସନରୁ ଫେରି ଆଈ ଓ ତାଙ୍କ ସାନ ଭଉଣୀ ସହ ମିଶି ମନ୍ଦିର ଯାଇଥିଲେ। ନାବାଳିକା ଛାତ୍ରୀଙ୍କୁ ପିଛା କରି ଅଭିଯୁକ୍ତ ସେଠାରେ ପହଞ୍ଚି ପ୍ରେମ ନିବେଦନ କରିବା ସହ ଟଣାଓଟରା କରିଥିଲେ। ନାବାଳିକା ଛାତ୍ରୀ ପାଟି କରିବା ପରେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ। ପରେ ଏ ନେଇ ଛାତ୍ରୀ ଗଞ୍ଜାମ ଥାନାରେ ଏତଲା ଦେଇଥିଲେ।

**ଅଫ୍‌ଲାଇନ୍ ପରୀକ୍ଷାକୁ ଖଲ୍ଲିକୋଟ କଲେଜ ଛାତ୍ରଙ୍କ ବିରୋଧ**

# ଅନ୍‌ଲାଇନ୍ ଦାବିରେ ଧାରଣା

ବ୍ରହ୍ମପୁର ଅଫିସ,୧୫।୪

ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ ପରୀକ୍ଷା ଦାବି କରି ଗୁରୁବାର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ କହିବା ମୁତାବକ, କରୋନା ମହାମାରୀ ସମୟରେ ଅନ୍‌ଲାଇନ୍‌ରେ ପାଠପଢା ହୋଇଥିଲା। ତଦନୁଯାୟୀ, ଚଳିତ ବର୍ଷର ସେମିଷ୍ଟର ପରୀକ୍ଷା ବି ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ ମାଧ୍ୟମରେ କରାଯିବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ପ୍ରକାଶ ଯେ ଆସନ୍ତା ୧୯ ତାରିଖରେ ଯୁକ୍ତ ୩ ତୃତୀୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ହେବା ନେଇ ମହାବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ କରୋନା ସମୟରେ ପାଠପଢା ଠିକ୍ ଭାବେ ହୋଇ ନ ଥିବା ବେଳେ ବର୍ତ୍ତମାନ ଅଫ୍‌ଲାଇନ୍ ମାଧ୍ୟମରେ କିଭଳି ପରୀକ୍ଷା ହେବ ବୋଲି ଛାତ୍ରୀଛାତ୍ରମାନେ ପ୍ରଶ୍ନ କରିଥିଲେ। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଉତ୍ତମା ଜେନା ଛାତ୍ରୀଛାତ୍ରଙ୍କୁ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଓହରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଯଦି ପ୍ରତିଶ୍ରୁତି ପୂରଣ ନ ହୁଏ ତେବେ ପୁନଃ ଆନ୍ଦୋଳନ କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ପରୀକ୍ଷା ହେଉଛି। ଛାତ୍ରୀଛାତ୍ରଙ୍କ ଦାବିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।




କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା।

### ପୋଖରୀରେ ବୁଡ଼ିଗଲେ ଯାଁଳା ଭାଇ, ଜଣଙ୍କ ମୃତ୍ୟୁ

ପୋଲସରା,୧୫।୪(ଡି.ଏନ.ଏ.)

ପୋଲସରା ବ୍ଲକ ମଧୁପଲ୍ଲୀ ଗାଁ ପୋଖରୀକୁ ଗୁରୁବାର ୬ ବର୍ଷୀୟ ଯାଁଳା ଭାଇ ଗାଧୋଇବାକୁ ଯାଇଥିବା ବେଳେ ବୁଡିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୋହନ ମହାରଣା (୬)। ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଭାଇ ରୋଶନଙ୍କ ଚିକିତ୍ସା ଚାଲିଛି। ମଧୁପଲ୍ଲୀର ଅନାଦି ମହାରଣାଙ୍କ ଯାଁଳା ପୁଅ ରୋଶନ ଓ ରୋହନ ସାହିମଧ୍ୟରେ ଥିବା ଗଞ୍ଜି ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ିଯାଇଥିଲେ। ଦୁଇ ନାବାଳକଙ୍କୁ ସାହିବାସିନ୍ଦା ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ରୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ.୨/୨୧ରେ ଅପମୃତ୍ୟୁ ମାମଲା ହୋଇଛି।

## କରୋନା ନିୟନ୍ତ୍ରଣ ଲାଗି ପ୍ରଶାସନିକ ପ୍ରସ୍ତୁତି

ଆସିକା,୧୫।୪ (ଡି.ଏନ୍.ଏ.)

ଆସିକା ବ୍ଲକ ଓ ଏନ୍‌ଏସି ଇଲାକାରେ ଗତ ସପ୍ତାହକ ମଧ୍ୟରେ ୨୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ବ୍ଲକ ଇଲାକାରେ ୧୩ ଓ ଏନ୍‌ଏସି ଇଲାକାରେ ୮ ଜଣ ଅଛନ୍ତି । ବାହାର ରାଜ୍ୟରୁ ପ୍ରବାସୀ ଫେରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯାଇଛି। ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହ ଅଙ୍ଗନୱାଡି, ଆଶାକର୍ମୀ ଓ କୋଭିଡ ସ୍ୱେଚ୍ଛାସେବୀ ପୂର୍ବରୁ ରହିଥିବା କୋର କମିଟିକୁ ପୁନଃଗଠିତ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତ ଲାଗି ଜଣେ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବାସୀ ଗ୍ରାମକୁ ଫେରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆସିକା ବ୍ଲକରେ ୨୪ ଘଣ୍ଟିଆ କଲ ସେଣ୍ଟର ଖୋଲାଯାଇଛି । ହରିଡାପଦର ପଞ୍ଚାୟତ ହରିଡାପଦର ଗ୍ରାମରେ ଗତ ସପ୍ତାହକ ମଧ୍ୟରେ ବହୁ ବ୍ୟକ୍ତି ଜ୍ୱରରେ ପୀଡିତ ହୋଇଥିବାରୁ ସରପଞ୍ଚ ସୁନିତା ବିଶ୍ୱାଳ ସଂପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହି ଇଲାକାରେ ଜଣେ ସେଲୁନ ଦୋକାନୀ ପଜିଟିଭ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ହରିଡାପଦର ନୂଆ ସାହି ଓ ବ୍ରାହ୍ମଣ ସାହିକୁ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା ଲାଗି ଭଞ୍ଜନଗର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବିଡିଓ ରୋଶନ ଶତପଥୀ ଓ ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି । କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ବାବନପୁର କୁଷ୍ଠ ଚିକିତ୍ସାଳୟ ପରିସରରେ ପୂର୍ବରୁ ଖୋଲାଯାଇଥିବା କୋଭିଡ କେୟାର ସେଣ୍ଟରରେ ୧୫୦ ଶଯ୍ୟା ଲାଗି ପ୍ରସ୍ତୁତି ଚାଲିଛି ।

### ବରାଳ ଦେବୀ ଯୁବକ ସଂଘ ଗୃହ ଉଦ୍‌ଘାଟିତ

ଖଜୁରିପଡ଼ା/ବଲସକୁମ୍ପା, ୧୫।୪ (ଡି.ଏନ.ଏ.)- ବିଷୁବ ପଣା ସଂକ୍ରାନ୍ତି ଅବସରରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ମା' ବରାଳ ଦେବୀ ଯୁବକ ସଂଘ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଖଜୁରିପଡ଼ା ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲସକୁମ୍ପା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ଦିଲ୍ଲୀପ କୁମାର ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ଗୁରୁ, କୋଷାଧକ୍ଷ ନାମରତ୍ନ ମଲ୍ଲିକ ପ୍ରମୁଖ ଆୟୋଜନ କରିଥିବା ବେଳେ ସଂଘର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ



ମା' ଏବଂ ଶିଶୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୁଗୁଡା,୧୫।୪(ଡି.ଏନ.ଏ.)

ବୁଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ର ପକ୍ଷରୁ କର୍ମୀ ଗୋଲାପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ଏଏନ୍‌ଏମ୍ ରେଶମାରାଣୀ ସ୍ୱାଇଁ, ଆଶାକର୍ମୀ ସରୋଜିନୀ ଓଝା ପ୍ରମୁଖ ଉପସ୍ଥିତ ରହି ମା' ଏବଂ ଶିଶୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଏନ୍‌ଏସି ଅନ୍ତର୍ଗତ ରଘୁନାଥ ମନ୍ଦିର ସାହି ଅଙ୍ଗନୱାଡି କେନ୍ଦ୍ର ଓ କୁମ୍ଭାର ସାହି ଅଙ୍ଗନୱାଡି କେନ୍ଦ୍ର ତରଫରୁ ନିକୁଞ୍ଜ ମୋହନ କ୍ଲବଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ମୀ ସନ୍ଧ୍ୟାରାଣୀ ନାୟକ, ସଞ୍ଜୁଲତା ପ୍ରଧାନ, ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି ପ୍ରମୁଖ ଯୋଗଦେଇ ମା' ଏବଂ ଶିଶୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଲିପିଣ୍ଡି ସାହି କେନ୍ଦ୍ରରେ କର୍ମୀ ପ୍ରମୋଦା ପାଢୀଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଗୁଡିକରେ ମାତୃ ଅଭିଭାବକ, କିଶୋରୀ ବାଳିକା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଶାସନ ପକ୍ଷରୁ କରୋନା ସଚେତନତା

ପୁରୁଷୋତ୍ତମପୁର,୧୫।୪ (ଡି.ଏନ.ଏ.)

ପୁରୁଷୋତ୍ତମପୁରରେ ପ୍ରଶାସନ ପକ୍ଷରୁ କରୋନା ସଚେତନତା କରାଯାଇଛି। ତହସିଲଦାର ନିତିଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ପୋଲିସ ଫୋର୍ସ ସହ ସହରରେ ବୁଲି ଲୋକଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ଗହଳିକୁ ନ ଯିବା ଲାଗି ଡାକବାଜି ଯନ୍ତ୍ର ଯୋଗେ ସଚେତନ କରିଛନ୍ତି। ଦୋକାନୀମାନେ ପଞ୍ଚସୂତ୍ରୀ ନିୟମ ମାନିବା ଓ ବ୍ୟାରିକେଡ ସହ ସାମାଜିକ ଦୂରତା ଲାଗି ଗୋଲେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।



ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଛି।

**ICAR - NATIONAL BUREAU OF SOIL SURVEY AND LAND USE PLANNING**
AMRAVATI ROAD, NAGPUR - 440 033
Phone: (0712) 2500545, 2500664, 2500226, Telefax: 91/0712-2500543, Email: director@nbsslup.icar.gov.in

**NOTICE**

The ICAR-National Bureau of Soil Survey and Land Use Planning, Nagpur has issued an offer of appointment to Smt. Sunita Mishra, W/o. Late Shri P.K. Mishra, C/o. Sudhansu Tripathy, Gandhinagar, 3rd Line, Berhampur, Dist.- Ganjam, Odisha - 760 001 to the Post of Skilled Support Staff in the Pay Level - 1 of 7th CPC (Pre-revised PB-1, Rs.5200-20200/- plus Grade Pay Rs.1800/-) on compassionate grounds at ICAR-NBSS & LUP, Regional Centre, New Delhi vide this Office Letter F. No. 3-99/18-Admn./2967/2 dated 17th August, 2020 and subsequent reminder F. No. 3-99/18-Admn./_3985 dated 23rd October, 2020 and 3-99/18-Admn./4886 dated 9th December, 2020 with a request to join the above said post at Regional Centre, New Delhi. But, Smt. Mishra has neither sent any acceptance for the above said Post nor joined the said post at the Regional Centre, New Dehli till date.
Now, through this notice, Smt. Mishra is given a last chance and once again requested to kindly join the above said post at Regional Centre, New Delhi of this Bureau within fifteen days from the date of publication of this notice, failing which offer of appointment issued to her vide letter dated 17th August, 2020 will be cancelled automatically.

Asstt. Admn. Officer

**DIDAYI DEVELOPMENT AGENCY**
**KUDUMULUGUMMA**
**TENDER CALL NOTICE**

No. 01/2020-21 Dt.13.04.2021

The Special Officer, DDA, K.gumma invites sealed percentage rate tenders vide Letter No. 156 dated 13.04.2021 on behalf of Governor of Odisha from registered & eligible reigstered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 02 Nos. of work namely (1) Ghat cutting with guard wall on the road from Oringi to Tikarapada via Sanyasiguda of Rasbeda GP & (2) Construction of Ladies Hostel for Didayi Student of D.D. College, K.gumma of K.gumma GP on drawl of agreement in DDA contract forms of Govt. of Odisha. Tender papers will be sold from 19.04.2021 to 28.04.2021 office hour working days only from this office as well as office of the P.A., ITDA, Malkangiri and received within 29.04.2021 in the office hour of Office of the Special Officer, DDA, K.gumma through Registered Post/Speed Post only. The tender shall be opened on 30.04.2021 at 10.30 A.M. in the Office of the DDA, K.gumma. Term & Condition and other details will be available in the Office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

Sd./- Special Officer
Didayi Development Agency, Kudumulugumma

**OFFICE OF THE**
**NOTIFIED AREA COUNCIL, BUGUDA**
**"e" PROCUREMENT NOTICE**
**Tender Reference No. BUG-NAC-02/2021-22**
**Tender Call Notice No. 562 // Date: 15.04.2021**

Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

| | | |
|---|---|---|
| 1. | Name of the Work | : Civil Works as mentioned in Notice Board |
| 2. | No. of Works | : 22 Nos. |
| 3. | Bid Value | : Rs.300000/- to Rs.1997000/- |
| 4. | Period of Completion | : 90 Days |
| 5. | Date and time of availability of the bid documents in the portal | : 16.04.2021 at 11 A.M. to 5.30 P.M. of Dt.29.04.2021. |
| 6. | Last date of/time for receipt of bids in the portal | : 29.04.2021 upto 5.30 P.M. |
| 7. | Bids received Online shall be opened on | : 03.05.2021 at 11 A.M. |
| 8. | Name and address of the Officer Inviting Bid | : Executive Officer, N.A.C., Buguda |

Further details can be seen from the procurement portal: **www.tendersodisha.gov.in**.

Sd./- Executive Officer
N.A.C., Buguda, Ganjam

**O/O MEDICAL OFFICER I/C CHC, BAUNSUNI**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**BAUNSUNI, DIST.- BOUDH**
e-mail: bpmuboudh2@gmail.com

**Sealed tenders are invited from registered, reputed and experienced Agencies/Firms/Individuals for engagement of Vehicles on hiring basis for BPMU, MHT (1 & 2) & MHU.**

Interested bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the bid envelope and addressing clearly to the MEDICAL OFFICER I/C CHC, BAUNSUNI. The details of the tender may be downloaded from the District website https://boudhnic.in. Last date for receipt of tender is 30.04.2021 latest by 12.30 P.M. only through Speed Post/ Regd Post and the bids so received will be opened on 03.05.2021 at 11.00 A.M. in the Office Chamber of the MEDICAL OFFICER I/C CHC, BAUNSUNI. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- MEDICAL OFFICER I/C CHC
BAUNSUNI

